ଉପ-ବିଭାଗୀୟ ଅଧିକାରୀ ଟେଲିଗ୍ରାଫ୍, ବିଜନୋର

ବନାମ

ଅଧ୍ୟକ୍ଷ ଅଧିକାରୀ କେନ୍ଦ୍ରୀୟ ସରକାର ଶିଳ୍ପ ନ୍ୟାୟାଧିକରଣ ତଥା-ଶ୍ରମ ନ୍ୟାୟାଳୟ, କାନପୁର ଏବଂ ଅନ୍ୟଜଣେ

ଫେବୃଆରୀ ୪, 2006

[ଅରିଜିତ ପଶାୟତ ଏବଂ ଆର୍.ଭି. ରଭିନ୍ଦ୍ରନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅଯଥା ବିଳମ୍ବ—ଶିଳ୍ପ ବିବାଦ—ଶିଳ୍ପ ନ୍ୟାୟାଧିକରଣ ଦ୍ୱାରା ଅଧିନିର୍ଣ୍ଣୟ—କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଏହାର ମୂଳ ଆବେଦନ—ଅନୁରକ୍ଷଣୀୟ ନୁହେଁ ବୋଲି ଏହାର ଫଏସଲା—ଉଚ୍ଚ ନ୍ୟାୟାଳୟ ଦ୍ୱାରା ରିଟ୍ ଆବେଦନକୁ ଖାରଜ କରିବାରେ ଅତ୍ୟଧିକ ବିଳମ୍ବ ହୋଇଛି—ଅପିଲରେ, ଦର୍ଶାଯାଇଛି : ମାମଲାର ତଥ୍ୟରେ ରିଟ୍ ଆବେଦନ ବିଳମ୍ବ ହୋଇନଥିଲା—ଯୋଗ୍ୟତା ଉପରେ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଥିବା ମାମଲା—ଶିଳ୍ପ ବିବାଦ ଅଧିନିୟମ, 1947 ।*

**ଏକ ଶିଳ୍ପ ବିବାଦରେ, କେନ୍ଦ୍ର ସରକାରଙ୍କ ଶିଳ୍ପ ନ୍ୟାୟାଧିକରଣ-ତଥା-ଶ୍ରମ ନ୍ୟାୟାଳୟ 1992 ମସିହାରେ ଶ୍ରମିକମାନଙ୍କ ସପକ୍ଷରେ ଏକ ଅଧିନିର୍ଣ୍ଣୟ ପାରିତ କରିଥିଲେ । ଅପିଲକାରୀ-ବିଭାଗ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ (ସିଏଟି) ନିକଟରେ ମୂଳ ଆବେଦନ ଦାଖଲ କରିଥିଲା ଏବଂ ଏହାକୁ ଗ୍ରହଣ କରାଯାଇଥିଲା । ସିଏଟି 1997 ରେ ଏହି ମାମଲାର ଫଏସଲା କରି କହିଥିଲେ ଯେ,** *ଏଲ୍ ଚନ୍ଦ୍ର କୁମାର ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **ଜେଟି (1997) 3 SC 589 ମାମଲାରେ ରାୟକୁ ଦୃଷ୍ଟିରେ ରଖି ଏହା ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଗ୍ରହଣଯୋଗ୍ୟ ନୁହେଁ । ବିଭାଗ 1998 ରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରିଟ୍ ଆବେଦନ ଦାଖଲ କରିଥିଲା, ଏବଂ ଏହା ଅତ୍ୟଧିକ ବିଳମ୍ବ ହୋଇଥିବା ଦର୍ଶାଇ ଅଯଥା ବିଳମ୍ବ ଆଧାରରେ ଏହାକୁ ଖାରଜ କରାଯାଇଥିଲା । ତେଣୁ ବର୍ତ୍ତମାନର ଅପିଲ ।**

**ଅପିଲକୁ ଅନୁମତି ଦେଇ ଏବଂ ଗୁଣବତ୍ତା ଆଧାରରେ ନିର୍ଣ୍ଣୟ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଇ, ଏହି ନ୍ୟାୟାଳୟ**

ଦର୍ଶାଇଛନ୍ତି : ଏହି ଅଧିନିର୍ଣ୍ଣୟ ବିରୋଧରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ମୂଳ ରିଟ୍ ଆବେଦନ ଦାଖଲ କରାଯାଇଥିଲା ଏବଂ ଏହାକୁ ଅନୁରକ୍ଷଣୀୟ ନୁହେଁ ବୋଲି

ପରିସମାପ୍ତ କରାଯାଇଥିଲା ବୋଲି ବାସ୍ତବ ପରିଦୃଶ୍ୟର ଅନୁଧ୍ୟାନ ସ୍ପଷ୍ଟ ଭାବରେ ସୂଚିତ କରେ ଯେ, ରିଟ୍ ଆବେଦନରେ ବିଳମ୍ବ ହୋଇନଥିଲା । [137- C]

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3347/2000 ।

ସି.ଏମ୍.ଡବ୍ଲ୍ୟୁ.ପି. ସଂଖ୍ୟା 15161/1998ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 30.4.1998ର ରାୟ ଓ ଆଦେଶରୁ ।

ତାଙ୍କ ସହିତ ଅପିଲକାରୀଙ୍କ ମଧ୍ୟରୁ ଏସ୍. ରାଧାକ୍ରିଷ୍ଣନ, ସୁଶ୍ରୀ ସୁନୀତା ଶର୍ମା, ଭି.କେ. ବର୍ମା ଏବଂ ଅରବିନ୍ଦ କୁମାର ଶର୍ମା ।

ନ୍ୟାୟାଳୟର ଏହି ରାୟ **ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପାରିତ ହୋଇଛି ।

ଏହି ଆବେଦନରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି, ଯେଉଁଥିରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନ ଏହି ଆଧାରରେ ଖାରଜ କରାଯାଇଥିଲା ଯେ, କେନ୍ଦ୍ର ସରକାରଙ୍କ ଶିଳ୍ପ ନ୍ୟାୟାଧିକରଣ-ତଥା-ଶ୍ରମ ନ୍ୟାୟାଳୟ, କାନପୁର (ସଂକ୍ଷେପରେ 'ନ୍ୟାୟାଧିକରଣ') ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଅଧିନିର୍ଣ୍ଣୟ ବିଳମ୍ବରେ ଶୁଣାଣି କରାଯାଇଥିଲା ଏବଂ ଅଯଥା ବିଳମ୍ବ କାରଣରୁ ରିଟ୍ ଆବେଦନ ଖାରଜ କରାଯାଇଥିଲା ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଦାଖଲ କରିଥିଲେ ଯେ, ଉଚ୍ଚ ନ୍ୟାୟାଳୟର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭ୍ରମାତ୍ମକ ଅଟେ । ସେ ବାସ୍ତବିକ ପୃଷ୍ଠଭୂମିକୁ ଧ୍ୟାନରେ ନରଖି ଏବଂ ତ୍ରୁଟିପୂର୍ଣ୍ଣ ଅନୁମାନ କରି ଯେ, ନ୍ୟାୟାଧିକରଣର 1992ରେ ଦିଆଯାଇଥିବା ସିଦ୍ଧାନ୍ତକୁ ବିଳମ୍ବରେ ଆପତ୍ତି କରାଯାଉଛି, ରିଟ୍ ଆବେଦନକୁ ଖାରଜ କରିଦିଆଗଲା । ସେ ଅନେକ ତଥ୍ୟଗତ ବିବରଣୀ ବିଷୟରେ ଉଲ୍ଲେଖ କରିଥିଲେ, ଯାହାକୁ ଆମେ ତଳେ ଆଲୋଚନା କରିବା ।

ବିଜ୍ଞପ୍ତି ସତ୍ତ୍ୱେ ଉତ୍ତରଦାତାମାନଙ୍କ ତରଫରୁ କୌଣସି ଉପସ୍ଥିତି ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ନିମ୍ନ ଭାବରେ ଦିଆଗଲା :

> "ଆବେଦନକାରୀ 1992 ର ଅଧିନିର୍ଣ୍ଣୟକୁ ଆପତ୍ତି କରିଛନ୍ତି । ଆବେଦନଟି ଅତ୍ୟନ୍ତ ବିଳମ୍ବ ହୋଇଛି ଏବଂ ଅଯଥା ବିଳମ୍ବ ଆଧାରରେ ଖାରଜ ହୋଇଛି ।"

ବାସ୍ତବ ସ୍ଥିତି ଯାହା ପ୍ରାୟ ନିର୍ବିବାଦିତ ଅଟେ ଯେ, କିଛି ଅସ୍ଥାୟୀ ଶ୍ରମିକ ନ୍ୟାୟାଧିକରଣ ସମ୍ମୁଖରେ ବିବାଦ ଉଠାଇଥିଲେ । ଅପିଲକାରୀ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ, ସମ୍ପୃକ୍ତ ଶ୍ରମିକମାନେ ଯେଉଁମାନେ ଅସ୍ଥାୟୀ ଶ୍ରମିକ ଥିଲେ ସେମାନେ ଜାଣିଶୁଣି ଛଅ ମାସରୁ ଅଧିକ ସମୟ ଧରି କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଥିଲେ । ସେହି ଛଅ ଜଣ ବ୍ୟକ୍ତି ବିଜନୋରର ଏସ୍ ଡି ଓ ଙ୍କ ଅଧୀନରେ ଥିବା ଦୂରସଞ୍ଚାର ବିଭାଗରେ ଦୈନିକ ମଜୁରୀ ଆଧାରରେ ନିୟୋଜିତ ଥିଲେ । ଯେତେବେଳେ ସେମାନେ ସ୍ୱେଚ୍ଛାକୃତ ଅନୁପସ୍ଥିତି ପରେ ଫେରିଲେ, ସେମାନଙ୍କୁ ପୂର୍ବ ସେବା ପାଇଁ କୌଣସି ସୁବିଧା ଦିଆଯାଇ ନଥିଲା ଏବଂ ସେମାନଙ୍କୁ 7.5.1985ରୁ ଯୋଗ ଦେଇଥିବା ବିବେଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ନ୍ୟାୟାଧିକରଣ 17.3.1992ର ଅଧିନିର୍ଣ୍ଣୟରେ କହିଥିଲେ ଯେ, ବାସ୍ତବରେ ଏହା ବହିଷ୍କାର ହୋଇଛି ଏବଂ ଶିଳ୍ପ ବିବାଦ ଅଧିନିୟମ, 1947ର ଧାରା 25-Fର ଆବଶ୍ୟକତା ସହିତ କୌଣସି ଅନୁପାଳନ ନଥିଲା ଏବଂ, ତେଣୁ ବିଭାଗର କାର୍ଯ୍ୟାନୁଷ୍ଠାନ ବେଆଇନ ଓ ଅଯୌକ୍ତିକ ଥିଲା । ନ୍ୟାୟାଧିକରଣ ଅନୁଯାୟୀ ସେମାନେ ସମ୍ପୂର୍ଣ୍ଣ ମଜୁରୀ ଏବଂ ଫଳସ୍ୱରୂପ ସୁବିଧା ସହିତ ପୁନଃସ୍ଥାପନ ପାଇଁ ହକଦାର ଥିଲେ । ବିଭାଗ, କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଆହ୍ଲାବାଦ ବିଚାରପୀଠ (ସଂକ୍ଷେପରେ 'ସିଏଟି') ସମ୍ମୁଖରେ ଏକ ମୂଳ ଆବେଦନ ଦାଖଲ କରିଥିଲା । ମୂଳ ଆବେଦନପତ୍ରକୁ 5.5.1993ରେ ଗ୍ରହଣ କରାଯାଇଥିଲା ଏବଂ ବକେୟା ମଜୁରୀ ପ୍ରଦାନ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ମଞ୍ଜୁର କରାଯାଇଥିଲା । ପରବର୍ତ୍ତୀ ସମୟରେ, ଏହାକୁ ସିଏଟିର ଦୃଷ୍ଟିକୁ ଅଣାଯାଇଥିଲା ଯେ, *ଏଲ୍. ଚନ୍ଦ୍ର କୁମାର ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* ଜେ.ଟି. (1997) 3 SC 589) ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ସିଏଟି ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଅନୁରକ୍ଷଣୀୟ ନଥିଲା । 17.12.1997 ତାରିଖର ଆଦେଶ ଦ୍ୱାରା ସିଏଟି ଏହି ମାମଲାର ଫଏସଲା କରିଥିଲା ଏହା ଦର୍ଶାଇ ଯେ, ଏହା ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଅନୁରକ୍ଷଣୀୟ ନଥିଲା । ତେବେ, ଅନ୍ୟାନ୍ୟ ବିଷୟ ମଧ୍ୟରେ ଏହାକୁ ନିମ୍ନମତେ ଅବଲୋକନ କରାଯାଇଥିଲା :

> "ତେବେ ଏହି ଆଦେଶରେ ଥିବା କୌଣସି ବିଷୟ, ଦରଖାସ୍ତକାରୀଙ୍କୁ ଏକ ଉପଯୁକ୍ତ ମଞ୍ଚରୁ ତାଙ୍କ ଅଭିଯୋଗର ସମାଧାନ ମାଗିବାରେ ବାଧା ସୃଷ୍ଟି କରିବ ନାହିଁ ।"

ଏହି ରିଟ୍ ଆବେଦନ ଫେବୃଆରୀ, 1998 ରେ ଦାଖଲ କରାଯାଇଥିଲା ଏବଂ ପୂର୍ବ-ସୂଚିତ ଭାବରେ 30.4.1998 ତାରିଖର ଆଦେଶ ଦ୍ୱାରା ଖାରଜ ହୋଇଛି ।

ଉପରେ ଉଲ୍ଲେଖ କରାଯାଇଥିବା ବାସ୍ତବ ପରିଦୃଶ୍ୟର ଅନୁଧ୍ୟାନ ସ୍ପଷ୍ଟ ଭାବରେ ଦର୍ଶାଏ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯାଇଥିବା ପରି ରିଟ୍ ଆବେଦନରେ ବିଳମ୍ବ ହୋଇନଥିଲା । ଏହା ଦୁର୍ଭାଗ୍ୟଜନକ ଯେ, ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ କାରଣ ଏବଂ ମଧ୍ୟବର୍ତ୍ତୀ ପରିସ୍ଥିତି ଉପରେ ଟିପ୍ପଣୀ ନେଇ ନଥିଲେ ଏବଂ ଏକ ସଂକ୍ଷିପ୍ତ ଆଦେଶ ଦ୍ୱାରା ରିଟ୍ ଆବେଦନକୁ ଖାରଜ କରି କହିଥିଲେ ଯେ ଏହା ଅତ୍ୟଧିକ ବିଳମ୍ବ ହୋଇଛି । ଯଦି ଉଚ୍ଚ ନ୍ୟାୟାଳୟ ବାସ୍ତବ ପୃଷ୍ଠଭୂମିର ତଥ୍ୟ ଉପରେ ଧ୍ୟାନ ଦେଇଥାଆନ୍ତେ, ତେବେ ସେ ଯେଉଁ ଉପସଂହାରରେ ପହଞ୍ଚିଛନ୍ତି, ତାହା ସମ୍ଭବ ହୋଇନଥାନ୍ତା । ଏହା ସତ୍ୟ, ଯଦି ଏକ ରିଟ୍ ଆବେଦନ କରିବାରେ ଅସ୍ୱାଭାବିକ ବିଳମ୍ବ ହୁଏ ଏବଂ ଏଥିପାଇଁ କୌଣସି ଯୁକ୍ତିଯୁକ୍ତ ସ୍ପଷ୍ଟୀକରଣ ନଥାଏ, ତେବେ ନ୍ୟାୟାଳୟ ଅଯଥା ବିଳମ୍ବ ଆଧାରରେ ଏହାକୁ ଗ୍ରହଣ କରିବାକୁ ମନା କରିପାରିବେ । କିନ୍ତୁ ଏଠାରେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ରିଟ୍ ଆବେଦନର ଅନୁଚ୍ଛେଦ 47 ରୁ 50 ରେ ସମସ୍ତ ପ୍ରାସଙ୍ଗିକ ବିବରଣୀ ସୂଚିତ କରାଯାଇଥିଲା । ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ ଏହା ଉପରେ ଟିପ୍ପଣୀ ନେଇନାହାନ୍ତି ।

ଏହି ପରିସ୍ଥିତିରେ ଯୋଗ୍ୟତା ଉପରେ କୌଣସି ମତାମତ ପ୍ରକାଶ ନକରି, ଆମେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ରଦ୍ଦ କରିଛୁ ଏବଂ ଯୋଗ୍ୟତା ଉପରେ ନିଷ୍ପତ୍ତି ପାଇଁ ମାମଲାକୁ ତାଙ୍କ ପାଖକୁ ପଠାଇ ଦେଉଛୁ ।

ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

କେ.କେ.ଟି                                                  ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ